# ପିଲାଙ୍କ ଧରିତ୍ରୀ

ଶନିବାର, ୧୭ ଅଗଷ୍ଟ, ୨୦୧୯



କବିତା ୬
ଆଇନା ୮
ଆସ ଜାଣିବା ୩
ଜଣା ଅଜଣା ୭

ଗପ

# ବୋଉର ହାତରନ୍ଧା



'ଲିନୁ' ମୋ ସୁନା ଝିଅଟା ପରା, ଅଳ୍ପ ହଉପଛେ ଖାଇକି ସ୍କୁଲ ଯାଆ, ଖାଲି ପେଟରେ ରହିଲେ କ'ଣ ପଢ଼ାରେ ମନ ଲାଗିବ। ଏମିତି କହି କହି ଲିନୁର ମାଆ ହାତରେ ଭାତଥାଳି ଧରି ଲିନୁ ପଛରେ ଆସୁଥା'ନ୍ତି। ଲିନୁ କିନ୍ତୁ କିଛି ଶୁଣିଲା ନାହିଁ, ତା'ର ଗୋଟିଏ ଜିଦ୍ ସେ ସନ୍ତୁଳା ଓ ଭେଣ୍ଡି ଭଜା ଖାଇବ ନାହିଁ। ମାଆ ଗେଟ୍ ପାଖରେ ପହଞ୍ଚିଲାବେଳକୁ ଲିନୁ ସାଇକେଲ ନେଇ ସ୍କୁଲ ଯାଇସାରିଲାଣି। ଲିନୁର ମାଆ କ୍ରୋଧ ଓ ମନଦୁଃଖରେ ଘର ଭିତରକୁ ଭାତଥାଳି ଧରି ଫେରିଗଲେ।

ଲିନୁ ଅଷ୍ଟମ ଶ୍ରେଣୀରେ ପଢ଼େ, ଖୁବ୍ ଚଞ୍ଚଳ ସ୍ୱଭାବର ଝିଅ। ସ୍କୁଲରେ ନାଚ ଓ କବିତା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ମଧ୍ୟ ଜିତେ। କିନ୍ତୁ ଖାଇବାରେ ତା'ର ସବୁବେଳେ ବାଗ କାଢ଼େ। ପନିପରିବା ଖାଇବନି, କ୍ଷୀର ଛେନା ଯାହା ଦେଲେ ଖାଇବ ନାହିଁ। ସବୁବେଳେ ଖାଲି ବାହାରର ଚଟପଟା ଖାଦ୍ୟ ଖାଇବ। ସେଦିନ ମାଆଙ୍କ ଉପରେ ରାଗିକି ଟିଫିନ୍ ବି ଆଣି ନ ଥାଏ। ଖେଳଛୁଟିରେ ସାଙ୍ଗ ସହ ମିଶି ଦହିବରା ଖାଇଲା। ଖେଳ ପିରିୟଡ଼ରେ ଖେଳ ସାର କହିଲେ, ଯେଉଁମାନେ ଏନ୍‌ସିସି ନେଇଛ ସେମାନେ ଛୁଟି ପରେ ସ୍କୁଲ୍‌ରେ ରହିବ। ଏହା ଶୁଣି ଲିନୁ ବହୁତ ଖୁସି ହେଲା, କାରଣ ସେ ଏଇବର୍ଷ ଏନ୍‌ସିସିରେ ଭାଗ ନେଇଛି।

ସ୍କୁଲ୍ ଛୁଟି ହେଲା ପରେ ସାର୍ କହିଲେ, ପିଲାମାନେ ଅନ୍ୟ ଏକ ସ୍କୁଲ୍‌ରେ ଏନ୍‌ସିସି କ୍ୟାମ୍ପ ଅନୁଷ୍ଠିତ ହେଉଛି। ଦଶଦିନ ପାଇଁ କ୍ୟାମ୍ପ ହେବ। ତୁମେମାନେ ସେଠାରେ ରହିବ। ସେଠାରେ ତୁମକୁ ଟ୍ରେନିଂ ମିଳିବ ଓ ପ୍ରତିଯୋଗିତା ମଧ୍ୟ ହେବ। ତୁମେମାନେ କାଲିସୁଦ୍ଧା ଘରୁ ଅନୁମତି ନେଇକି ଆସ। ଆମେ ପଅରଦିନ ସକାଳୁ ବାହାରିଯିବା। ସବୁ ପିଲା ଖୁସି ହୋଇଗଲେ। ଲିନୁ ବି ଖୁସି ଥାଏ। ତା'ର ଏଇଟା ପ୍ରଥମ କ୍ୟାମ୍ପ୍। ବାହାରେ ଏତେଦିନ ପୁଣି ସାଙ୍ଗମାନଙ୍କ ସହ ମଜା ଆସିଯିବ, ସେଠି ମାଆ ନ ଥିବେ, କେତେ ବଢ଼ିଆ ହବ। ଖାଇବା ପାଇଁ ଏତେ କଥା ଶୁଣିବାକୁ ପଡ଼ିବ ନାହିଁ। ଲିନୁ ଏମିତି ଭାବି ଭାବି ଘରେ ପହଞ୍ଚିଲା। ଘରେ ମାଆ ଓ ବାପାଙ୍କୁ କ୍ୟାମ୍ପ ଯିବା କଥା କହିଲା। ବାପା ଓ ମାଆ ତାକୁ ଯିବାକୁ ଅନୁମତି ଦେଲେ। କିନ୍ତୁ ମାଆଙ୍କ ମନରେ ଚିନ୍ତା ଥାଏ କେମିତି ବାହାରେ ସେ ରହିବ ? କ'ଣ ଖାଇବ ? ତା'ର ତ ଖାଇବାରେ ଅରୁଚି।

କ୍ୟାମ୍ପକୁ ଯିବାର ଦିନ ଆସିଗଲା। ଲିନୁ ନିଜ ଜିନିଷପତ୍ର ଧରି ପ୍ରସ୍ତୁତ ହୋଇଗଲା। ମାଆ ତା'ର ବ୍ୟାଗ୍‌ରେ ଛତୁଆଗୁଣ୍ଡ ଓ ଚୁଡ଼ା ଭଜା ଛୋଟ ଛୋଟ ଦୁଇଟା ଡବାରେ ରଖିଦେଲେ, କହିଲେ ଅଧିକା ଭୋକ ଲାଗିଲେ ଖାଇବାକୁ। ଲିନୁ ରାଗିଗଲା ତାକୁ ଏସବୁ ବିଲ୍‌କୁଲ ବି ଭଲ ଲାଗେନି, କିନ୍ତୁ ସେ ମା'ଙ୍କୁ କିଛି କହିଲାନି। ଭାବିଲା ରାସ୍ତାରେ ଫିଙ୍ଗିଦେବ ନ ହେଲେ କାହାକୁ ଦେଇଦେବ।

ସବୁପିଲା ଗୋଟେ ବସ୍‌ରେ ବସି କ୍ୟାମ୍ପ୍ ପଡ଼ିଥିବା ସ୍କୁଲକୁ ଗଲେ। କ୍ୟାମ୍ପରେ ପହଞ୍ଚି ଲିନୁ ଓ ତାଙ୍କ ସାଙ୍ଗମାନେ ବେଶ୍ ଖୁସି ହେଲେ, ତମ୍ପୁ ଘର ଭିତରେ ରହିବାର ମଜା ଅଲଗା। କିଛି ସମୟ ପରେ ସେମାନଙ୍କର ଟ୍ରେନିଂ ଆରମ୍ଭ ହେଲା। ଦଉଡ଼ିରେ ଚଢ଼ିବା, ନିଆଁ ଲିଭାଇବା ଶିଖାଗଲା। ଅପରାହ୍ନରେ ଖାଇବା ସମୟ ହୋଇଗଲା। ସବୁପିଲା ଖାଇବା ସ୍ଥାନକୁ ଗଲେ। ସେଠାକୁ ପ୍ରାୟ ବାରଟି ସ୍କୁଲର ପିଲା ଆସିଥିଲେ। ଖାଇବା ଆଣିବା ପାଇଁ ଲମ୍ବା ଲାଇନରେ ଛିଡ଼ା ହେଲା ପରେ ଲିନୁର ପାଳି ପଡ଼ିଲା। ଖାଇବାରେ ଭାତ ଓ ଡାଲମା ଦେଖି ଲିନୁର ମୁହଁ ଶୁଖିଗଲା। ଘରେ କେବେ ବି ସେ ଭାତ ଡାଲମା ଖାଏନି। ଡାଲମା ତା'ର ବିଲକୁଲ ପସନ୍ଦ ନୁହେଁ, ଭୋକ ପ୍ରବଳ ଲାଗିଲାଣି। ଲିନୁ ଭାତ ଖାଇବାକୁ ଆରମ୍ଭ କଲା। ଭାତ ପୂରା ଟାଣ ଓ ଡାଲମାରେ ବିଲ୍‌କୁଲ ବି ସ୍ୱାଦ ନାହିଁ। କଷ୍ଟେ ମଷ୍ଟେ ଅଳ୍ପ ଖାଇଲା, ବାକିତକ ଫିଙ୍ଗିଦେଲା। ଟ୍ରେନିଂ ପାଇଁ ପୁଣି ଡକାଗଲା। ସେଠାରେ ସେମାନଙ୍କୁ ଦଉଡ଼ିରେ ଗଣ୍ଠି ପକେଇ କେମିତି ପାଣିରେ ବୁଡ଼ିଯାଇଥିବା ଲୋକଙ୍କୁ ବଞ୍ଚେଇବ ସେଇଟା ଶିକ୍ଷା ଦିଆଗଲା।

ସନ୍ଧ୍ୟା ପ୍ରାୟ ସାତଟା ବେଳକୁ ରାତ୍ରଭୋଜନ ପାଇଁ ଡକାଗଲା। ପୁଣି ଲମ୍ବା ଲାଇନରେ ଠିଆ ହେଲାପରେ ଲିନୁ ଦେଖିଲା ଖାଇବାରେ ରୁଟି, ଭେଣ୍ଡିଭଜା ଓ ଆଚାର ଅଛି। ଅନିଚ୍ଛାସତ୍ତ୍ୱେ ସେ ଖାଇବାକୁ ଆରମ୍ଭ କଲା। ଏ କ'ଣ ରୁଟି ଏତେ ଟାଣ ଯେ ଦୁଇହାତ ଲଗେଇଲେ ଯାଇ ଛିଡୁଛି। ଲିନୁର ଆଖିରେ ଲୁହ ଆସିଗଲା। ମାଆଙ୍କ କଥା ବହୁତ ମନେପଡ଼ିଲା। ମାଆ କେତେ ନରମ ରୁଟି ଖାଇବାକୁ ଦିଅନ୍ତି। ଲିନୁ ଆଉ ଖାଇପାରିଲା ନାହିଁ, ତାକୁ ଫିଙ୍ଗିବାକୁ ଗଲା। ଭୂମିରେ ଗୋଟେ ଖାଲ ଖୋଳା ହୋଇଥାଏ। ସେଇଠି ସବୁ ଅଳିଆ ପଡୁଥାଏ।

ଲିନୁ ଦେଖିଲା ଗୋଟେ ଚାରି ପାଞ୍ଚ ବର୍ଷର ଝିଅ ସେଇ ଖାତରୁ ରୁଟି ସବୁ କାଢ଼ି ନେଇ ପଲିଥିନ୍‌ରେ ରଖୁଛି। ମଇଳା ଓ ଛିଣ୍ଡା ଫ୍ରକ୍‌ଟିଏ ପିନ୍ଧିଛି। ଲିନୁ ତାକୁ ପଚାରିଲା 'ଏଇ ରୁଟି ନେଇକି କ'ଣ କରିବୁ'। ସେ ଝିଅ କହିଲା ମୁଁ ଆଉ ଭାଇ ମିଶିକି ଖାଇବୁ। ଲିନୁ କହିଲା ଛି ଏଇ ମଇଳା ଖାଦ୍ୟକୁ ଖାଇବୁ? କାଇଁ ତମ ଘରେ କ'ଣ ରୋଷେଇ ହୁଏନି। ସେ ଝିଅ କହିଲା ଆମେ ବହୁତ ଗରିବ। ମାଆ ବାସନମାଜି ଯାହା ପଇସା ଆଣେ ସେଥିରେ ଆମକୁ ଖାଇବାକୁ ଦିଏ। ଆଜି ଆମର ପଇସା ନାହିଁ। ଏଇ ରୁଟିକୁ ନେଲେ ମୁଁ ଓ ଭାଇ ଖାଇକି ପାଣି ପିଇ ଶୋଇପଡ଼ିବୁ।

ଲିନୁ ଆଗରୁ କେବେ ବି ଏପରି କଥା ଶୁଣି ନ ଥିଲା କି ଦେଖି ନ ଥିଲା। ତା' ପ୍ଲେଟ୍‌ରେ ଥିବା ଖାଦ୍ୟକୁ ସେ ଝିଅକୁ ଦେଇ ସେ ଟେଣ୍ଟକୁ ଫେରିଲା। ଟେଣ୍ଟରେ ବସି ଭାବିଲା, "ମାଆ କେତେ ଯତ୍ନରେ ଖାଇବା ରାନ୍ଧିଥାନ୍ତି। ବାପା କେତେ ପ୍ରକାରର ଫଳ କିଣିକି ଆଣନ୍ତି। କିନ୍ତୁ ମୁଁ ସବୁବେଳେ ଖାଇବା ପାଇଁ ମନା କରେ। ସେ ଝିଅଟି ଖାଇବାକୁ ପାଉନି କିନ୍ତୁ ମୁଁ କେତେ ଖାଦ୍ୟ ନଷ୍ଟ କରୁଛି। ଆଜିଠାରୁ ଶପଥ ନେଉଛି ଆଉ କେବେ ବି ଖାଦ୍ୟ ନଷ୍ଟ କରିବିନି। ମାଆ ଯାହା ଦେବେ ସବୁ ଖାଇବି। ଜେଜେମା' ସବୁବେଳେ କୁହନ୍ତି ଖାଇବା ନଷ୍ଟ କରୁଛୁ ଲିନୁ, ଦିନ ଆସିବ ତୋ ଆଗରେ ଖାଇବା ରଖାଯାଇଥିବ କିନ୍ତୁ ତୁ ଖାଇପାରିବୁ ନାହିଁ। ସେ ଯାହା କହୁଥିଲେ ପୂରା ଠିକ୍ କଥା।" ଏପରି ଭାବି ଜୋର୍‌ରେ କାନ୍ଦିଲା। କାନ୍ଦ ବନ୍ଦ ହେଲାବେଳକୁ ତାକୁ ଜୋରରେ ଭୋକ ଲାଗିଲାଣି। ଦିନଯାକ ଭଲରେ ଖାଇନି। ତା'ର ମନେ ପଡ଼ିଗଲା ମାଆ ବ୍ୟାଗ୍‌ରେ ଛତୁଆ ରଖିଛନ୍ତି। ସେ ପାଣିରେ ଗୋଳେଇ ଛତୁଆ ଖାଇଲା। ଆଜି ତାକୁ ଛତୁଆର ସ୍ୱାଦ ବହୁତ ଭଲ ଲାଗୁଥିଲା।

**–ସସ୍ମିତା ସାହୁ**

ଥେଣ୍ଟପୁର, ବୀରନରସିଂହପୁର, ପୁରୀ

## ଖିଲିଖିଲି ହସ

**ଡାକ୍ତର ଓ ରୋଗୀ ମଧ୍ୟରେ କଥାବାର୍ତ୍ତା–**

***ଡାକ୍ତର:*** ଯେତେବେଳେ ତୁମେ ଚିନ୍ତାରେ ଥାଅ କ'ଣ କର ?

ରୋଗୀ: ଆଜ୍ଞା,ମୁଁ ମନ୍ଦିରକୁ ଯାଏ।

***ଡାକ୍ତର:*** ବହୁତ ଭଲ, ସେଠି ବସି ଧ୍ୟାନ କରୁଥିବ ?

ରୋଗୀ: ନା, ମୁଁ ସେଠାକୁ ଯାଇ ଲୋକଙ୍କ ଜୋତାଗୁଡିକ ମିକ୍ସ କରି ଦିଏ, ତାଙ୍କୁ ଚିନ୍ତାରେ ଦେଖି ମୋ ଚିନ୍ତା ଦୂର ହୋଇଯାଏ।

ଶିକ୍ଷକ– ସଞ୍ଜୁ, ପାଣି ବରଫରେ ପରିଣତ ହେଲେ କ'ଣ ହୁଏ ?

ସଞ୍ଜୁ: ସାର୍,ଏହାର ମୂଲ୍ୟରେ ପରିବର୍ତ୍ତନ ଆସେ।


ଶିକ୍ଷକ: କେମିତି ?

ସଞ୍ଜୁ: କାହିଁକି ନା,ପାଣି ମୂଲ୍ୟ ଠାରୁ ବରଫର ମୂଲ୍ୟ ଅଧିକ।

ଶିକ୍ଷକ: ପପୁ, ତୁମେ ହୋମଓ୍ୱର୍କ କାହିଁକି କରିନ ?

ପପୁ: ମୁଁ ତ ହଷ୍ଟେଲରେ ରହୁଛି ହୋମଓ୍ୱର୍କ କେମିତି କରିବି ?

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

## ମତାମତ

✻ ହସକଥାରେ ପ୍ରକାଶିତ ଓକିଲ ଓ କ୍ଲାଏଣ୍ଟ କଥାବାର୍ତ୍ତା ପଢି ଖୁବ୍ ହସିଲି। ଗପ ସ୍ତମ୍ଭରେ ରାଖୀର ମହତ୍ତ୍ୱ ବେଶ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି।

**– ସୋନା, ମୋନା,** ବ୍ରହ୍ମଗିରି

✻ ପୃଷ୍ଠା ୭ରୁ ବିଭିନ୍ନ ସ୍ଥାନରେ ରାଖୀ କିପରି ପାଳନ ହୁଏ ଜାଣିବାକୁ ମିଳିଲା।

**– ଜ୍ୟୋତ୍ସ୍ନାମୟୀ ବେହେରା**

ରାଉରକେଲା

✻ ରାଖୀ ଏବଂ ସ୍ୱାଧୀନତା ଦିବସ ସମ୍ପର୍କିତ ସମସ୍ତ କବିତା ହୃଦୟସ୍ପର୍ଶୀ ଥିଲା। ଆଇନା ପୃଷ୍ଠାଟି ଖୁବ୍ ସୁନ୍ଦର ଲାଗୁଥିଲା।

**– ଦୀପକ ପଢିଆରୀ**

ବାଙ୍କୀ, କଟକ

✻ ତୁମ ତୂଳୀରୁ ପୃଷ୍ଠାରେ ରାଖୀ ଏବଂ ଅଗଷ୍ଟ ୧୫ ସମ୍ପର୍କିତ ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଥିଲା।

**– ବିନିତା ପାଣିଗ୍ରାହୀ**

ଖପ୍ରାଖୋଲ,

ବଲାଙ୍ଗୀର

## ଚଗଲା ଭୀମୁ





ପିଲାଙ୍କ ଧରିତ୍ରୀ


ସମ୍ପାଦକ: ତଥାଗତ ସତପଥୀ


Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ନିଜ ଦୁନିଆକୁ ଦେଖିପାରୁଥିବା ଜୀବାଣୁ









ଗଲା କେଇବର୍ଷ ହେଲା ବିଟୁଲ ଜେଜେ ସରକାରୀ ହାଇସ୍କୁଲରୁ ଅବସର ନେଇଛନ୍ତି। ତା'ର ଜେଜେ ଥିଲେ ଜଣେ ବିଜ୍ଞାନ ଶିକ୍ଷକ। ସେ ଯେମିତି ସମୟାନୁବର୍ତ୍ତୀ ସେମିତି ବି ଅନୁଶାସନପ୍ରିୟ। ତା' ଛଡ଼ା ଜଣେ ନାମକରା ବିଜ୍ଞାନ ଶିକ୍ଷକ ଭାବେ ସେ ଆଖପାଖ ମୌଜାରେ ବେଶ୍ ଜଣାଶୁଣା। ରୋଜ ସକାଳେ ଓ ବେଳବୁଡ଼ିଲେ ଜେଜେ ବିଟୁଲକୁ ଘରେ ବସି ବିଜ୍ଞାନ ପାଠ ପଢ଼ାନ୍ତି। ବିଟୁଲ ବି ତାଙ୍କ ପାଠ ପଢ଼ାକୁ ଖୁବ୍ ମନ ଦେଇ ଶୁଣେ। ବିଜ୍ଞାନ ସମ୍ବନ୍ଧୀୟ ସବୁ ଅଜଣା କଥା ଜାଣିବା ପାଇଁ ସେ ବେଶ୍ ଆଗ୍ରହୀ। ସେ ସଦାବେଳେ ଗୋଟିଏ କଥା ଖାଲି କୁହେ- ଜେଜେ, ମୁଁ ବଡ଼ ହେଲେ ଜଣେ ପ୍ରଖ୍ୟାତ ବୈଜ୍ଞାନିକ ହେବି ଓ ଦେଶ ମାଟି ମା'ର ଟେକ ରଖିବି। ଏ କଥା ପଦକ ତା' ତୁଣ୍ଡରୁ ଶୁଣି ଜେଜେ ଠୋ ଠୋ ହୋଇ ହସନ୍ତି। ଆଉ କହନ୍ତି- ହଇରେ, ତୁ ତ ଏଇଲେ ଏଡ଼େ ବକଟେ ଛୁଆ, ଏତେ ବଡ଼ କଥା ତୋ ମୁଣ୍ଡକୁ ଡୁକୁଚି କେମିତି?

ସବୁଦିନ ଭଳି ସେଦିନ ବି ଛାଇଲେଉଟା ବେଳେ ତା' ଜେଜେ ତାଙ୍କ ଘର ଅଗଣାରେ ସପଟିଏ ପକାଇ ବସିଥାନ୍ତି। ଜେଜୀ ବି ତାଙ୍କ ପାଖରେ ବସି ପାନ ଭାଙ୍ଗିବା ସାଙ୍ଗକୁ କ'ଣ ସବୁ ଖୁସି ଗପ କରୁଥାନ୍ତି। ଏତିକିବେଳେ ବିଟୁଲ କୁଆଡ଼େ ଥିଲା କେଜାଣି ଦୁମ୍‌ଦୁମ୍ ଶବ୍ଦ କରି ଜେଜେଙ୍କ ଆଗରେ ହାଜର ହୋଇଗଲା। ଆଉ କହିଲା- ଜେଜେ ତୁମେ ପରା ଆଜି ମତେ ଜୀବାଣୁ ସମ୍ପର୍କିତ ନୂତନ ତଥ୍ୟର ଉଦ୍ଭାବନ ବିଷୟରେ କହିବ ବୋଲି ଗତ କାଲି ରାତିରେ ଶୋଇବାବେଳେ କହୁଥିଲ। ଏଇଲେ ତୁମେ ସେ କଥା ମୋତେ କୁହ, ନୋହିଲେ ମୁଁ ଜମାରୁ ଆଜି ରାତିରେ ଖାଇବି ନାହିଁ।

ବିଟୁଲକୁ ଏମିତି ଅମାନିଆ ହେବାର ଦେଖି ଜେଜେ ତା' ମୁଣ୍ଡକୁ ଆଉଶି ଦେଇ କହିଲେ- ଟିକେ ଥୟ ଧର। ଏମିତି ଉଚ୍ଛନ୍ନ ହେଲେ କ'ଣ ଲାଭ ହେବ ଯେ ? ହଉ, ତୁ ମୋ ପାଖରେ ବସିପଡ଼। ଆଉ ମୁଁ ଯାହା କହୁଚି ତାହା ମନ ଦେଇ ଶୁଣୁ। ଏଇ ନିକଟରେ ବ୍ରିଟେନ୍‌ରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁ, ଜଳ, ଜୀବ ଓ ଉଦ୍ଭିଦଙ୍କଠାରେ ଦେଖାଯାଉଥିବା ଜୀବାଣୁ ନିଜର ଦୁନିଆକୁ ଦେଖିପାରନ୍ତି।

ଜେଜେଙ୍କ ତୁଣ୍ଡରୁ ଏତିକି ବାହାରିବା କ୍ଷଣି ବିଟୁଲ ମଝିରେ ପଶି ପ୍ରଶ୍ନ କଲା- ଜେଜେ, ସେମାନଙ୍କର ପରା ଆଖି ନାହିଁ। ସେମାନେ ଦେଖୁଛନ୍ତି କେମିତି? ତୁ ଚୁପ୍‌ଚାପ୍ ଶୁଣୁନୁ କାହିଁକି? ଏମିତି ବ୍ୟସ୍ତ ହେଲେ କ'ଣ ହେବ? ମୁଁ ମୋ କଥାକୁ ଶେଷ କରିଦିଏ-ଜେଜେ କହିଲେ। ଏହା ପରେ ଜେଜେ ତାଙ୍କ କଥାର ଖିଅକୁ ପୁଣି ଥରେ ଯୋଡ଼ି ଆରମ୍ଭ କରିଦେଲେ। ସେ କହିଲେ, ସେଠାକାର ବୈଜ୍ଞାନିକମାନଙ୍କୁ ଏ ଅଜଣା କଥାକୁ ଲୋକଙ୍କ ସାମ୍‌ନାକୁ ଆଣିବା ପାଇଁ ଅନେକ ବର୍ଷ ଲାଗିଛି। ବ୍ରିଟେନ ଓ ଜର୍ମାନୀର ବଛାବଛା ପ୍ରସିଦ୍ଧ ବୈଜ୍ଞାନିକମାନଙ୍କୁ ନେଇ କେତେକ ଗବେଷକ ଦଳ ଏ କଥାକୁ ଖୁଲାସା କରିବାରେ ସଫଳ ହୋଇଛନ୍ତି। ଏମାନଙ୍କ ମତ ଅନୁସାରେ ଏହି ଜୀବାଣୁ କୌଣସି ଏକ ପ୍ରକାର ମାଇକ୍ରୋସ୍କୋପିକ ଆଇବଲ ଭଳି କାମ କରିଥାଏ। ଏହାକୁ ଆମେ ଦୁନିଆରେ ସବୁଠୁ ପୁରୁଣା ତଥା ଛୋଟକାଟିଆ କ୍ୟାମେରା ବୋଲି କହିପାରିବା।

କ୍ୟୁଇନ୍ ମେରି ୟୁନିଭରସିଟି ଅଫ ଲଣ୍ଡନର ମାଇକ୍ରୋବାୟୋଲୋଜି ପ୍ରଫେସର ତଥା ମୁଖ୍ୟ ଗବେଷକ କୋନାର୍ଡ ମୁନିନିୟକ୍ସ କହନ୍ତି, ଜୀବାଣୁ ନିଜ ଦୁନିଆକୁ ଦେଖିବାରେ ସକ୍ଷମ ହୋଇଛନ୍ତି। ମନୁଷ୍ୟ ଯେମିତି ନିଜ ଦୁନିଆକୁ ଦେଖିପାରେ, ଠିକ୍ ସେହିପରି ଏମାନେ ନିଜ ଜଗତକୁ ଦେଖିପାରନ୍ତି।

ଜୀବାଣୁ ବିଷୟରେ ନୂତନ ଗବେଷଣାକୁ ଖୁବ୍ ଭଲ ଭାବେ ବୁଝାଇ ସାରି ଜେଜେ ତାଙ୍କ ଗେହ୍ଲା ନାତି ବିଟୁଲକୁ କହିଲେ ତୁ ଆଜି ମୋଠୁ ଏ ବାବଦରେ କିଛି ଜାଣିଲୁ ତ ? ଖୁସିରେ ନାଚି ଉଠି ବିଟୁଲ କହିଲା- ହଁ ଜେଜେ, ମୁଁ ତୁମଠୁ ବହୁତ କିଛି ଏ ବିଷୟରେ ଶିଖିବାକୁ ପାଇଲି। ବଡ଼ହେଲେ ନିଶ୍ଚେ ବୈଜ୍ଞାନିକଟିଏ ହେବି। ଆଉ ଏହିଭଳି ଆଉ କେତେ ଅଜଣା ବୈଜ୍ଞାନିକ ତଥ୍ୟ ଗବେଷଣା କରି ଦେଖାଇବି।

**- ନଗେନ୍ଦ୍ର ନାଥ ପଟ୍ଟନାୟକ**

ଆସ ଜାଣିବା

# 4D ମ୍ୟାଜିକାଲ ୱାର୍ଲ୍ଡ





ଛୋଟ ପିଲାମାନଙ୍କ ମନୋରଞ୍ଜନର ଏକ ମାଧ୍ୟମ ହେଉଛି ଟିଭିରେ ଦେଉଥିବା ବିଭିନ୍ନ କାର୍ଟୁନ ଚ୍ୟାନେଲ। କାର୍ଟୁନ ଚରିତ୍ରମାନଙ୍କ ମଜାଳିଆ କଥାବାର୍ତ୍ତା ହେଉ ବା ସେମାନଙ୍କ ବିଭିନ୍ନ ଅଙ୍ଗଭଙ୍ଗୀକୁ ପିଲାମାନେ ବେଶ୍ ଉପଭୋଗ କରିଥାନ୍ତି। ତେବେ ପିଲାମାନଙ୍କର ଏହି ମାନସିକତାକୁ ଲକ୍ଷ୍ୟ କରି ହଂକଂଠାରେ ସ୍ଥାପନ କରାଯାଇଛି ଡିଜନି ଆଣ୍ଡ ମାର୍ବଲ ଥିମ୍ 4D ମ୍ୟାଜିକାଲ ୱାର୍ଲ୍ଡ। ଏହି ଥିମ୍ ପାର୍କରେ ପ୍ରବେଶ କରିବା ମାତ୍ରେ ବିଭିନ୍ନ ବେଶଧାରୀ କାର୍ଟୁନ ଚରିତ୍ର ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥାନ୍ତି। ରଙ୍ଗବେରଙ୍ଗର 4D ପେଣ୍ଟିଙ୍ଗ ସହ ବିଭିନ୍ନ ସାଉଣ୍ଡ, ଲାଇଟିଙ୍ଗ ତଥା ସ୍ୱତନ୍ତ୍ର ବାଷ୍ପର ସ୍ପେଶାଲ ଇଫେକ୍ଟ ଏହି ସ୍ଥାନକୁ ଆଉ ଟିକିଏ ଅଧିକ ମନୋରଞ୍ଜନଧର୍ମୀ କରିଦେଇଥାଏ। ଏଠାରେ ପର୍ଯ୍ୟଟକମାନେ ବିଭିନ୍ନ ଜୋନ ଯଥା ଡିଜ୍‌ନି କ୍ଲାସିକ କ୍ୟାରେକ୍ଟର, ମୋନଷ୍ଟର୍ସ ୟୁନିଭରସିଟି, ଇନ୍ସାଇଡ୍ ଆଉଟ୍, ଷ୍ଟାର ୱାର, ଡିଜନି ଅଣ୍ଡର ୱାଟର ୱାର୍ଲ୍ଡ, ଡିଜନି ଆଡଭେଞ୍ଚର ମାର୍ବଲ ଆଦି ବିଭିନ୍ନ ସ୍ଥାନ ବୁଲି ଦେଖିବାର ମଜା ନେଇଥାନ୍ତି। କେବଳ ସେତିକି ନୁହେଁ, ପର୍ଯ୍ୟଟକମାନେ ଏଠାରେ ଚିତ୍ରିତ ହୋଇଥିବା ବିଭିନ୍ନ 4D ଆର୍ଟ ଉପରେ ଫଟୋପୋଜ ଦେବା ସହ ନିଜର ମନପସନ୍ଦର କମିକ ଚରିତ୍ର ସହ ବାସ୍ତବବାଦୀ ଫଟୋଉଠେଇବାର ଏକ ନିଆରା ଅନୁଭୂତି ଲାଭ କରନ୍ତି। ୨୦୧୬ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଥିମ୍ ପାର୍କରେ ୧୨ ରୁ ଉର୍ଦ୍ଧ୍ୱ କାର୍ଟୁନ ଜୋନ, ୭୦ ରୁ ଅଧିକ ଫଟୋଗ୍ରାଫି ସ୍ପଟ ସହ ଅନ୍ୟାନ୍ୟ କୌତୁକିଆ ସ୍ଥାନ ରହିଛି, ଯେଉଁଠାରେ ପର୍ଯ୍ୟଟକମାନେ ମନଭରି ଉପଭୋଗ କରିଥାନ୍ତି।





୧
ସାଦ୍ୟାନ୍ତ ଶତପଥୀ
କ୍ଲାସ-୧, ମଦର୍ସ
ପବ୍ଲିକ୍ ସ୍କୁଲ,
ପୁରୀ



୨
ଆଦ୍ୟା ଦାସ
କ୍ଲାସ- ୨, ଡିଏଭି
ପବ୍ଲିକ୍ ସ୍କୁଲ, ୟୁନିଟ୍
-୮, ଭୁବନେଶ୍ୱର



୩
ପ୍ରତିଭା ପ୍ରିୟଦର୍ଶିନୀ
କ୍ଲାସ-୯, ଓଡିଶା
ଆଦର୍ଶ ବିଦ୍ୟାଳୟ,
ଫିରିଙ୍ଗିଆ, କନ୍ଧମାଳ



୪
ସୋନାଲି ଶର୍ମା
କ୍ଲାସ-୮, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ବରଗଡ



୫
ଅନନ୍ୟା ରୂପାଲି ତ୍ରିପାଠୀ
କ୍ଲାସ - ୫, ଉଚ୍ଚ
ପ୍ରାଥମିକ ବିଦ୍ୟାଳୟ,
ଗୋବିନ୍ଦପାଲି,
ମାଲକାନଗିରି



୬
ଶୁଭଙ୍କର ପୃଷ୍ଟି
କ୍ଲାସ- ୨, କେନ୍ଦ୍ରୀୟ
ବିଦ୍ୟାଳୟ -୫,
କଳିଙ୍ଗ ନଗର,
ଭୁବନେଶ୍ୱର



୭
ସତ୍ୟମ୍ ଷଡଙ୍ଗୀ
କ୍ଲାସ-୬, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଟାଙ୍ଗୀ, କଟକ



୮
ରୂପାଲି ବିଦ୍ୟାବିଭୂଷିତା
ବେହେରା
କ୍ଲାସ- ୬, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ପିପିଲି,ପୁରୀ




୯
ସୁଦୀକ୍ଷା ବ୍ରହ୍ମା
କ୍ଲାସ-୩, କେନ୍ଦ୍ରୀୟ
ବିଦ୍ୟାଳୟ,
ନୟାଗଡ



୧୦
ଦିବ୍ୟଦ୍ୟୁତି ପଟ୍ଟନାୟକ
କ୍ଲାସ-୨, ଡିଏଭି
ପବ୍ଲିକ୍ ସ୍କୁଲ, ୟୁନିଟ୍
-୮, ଭୁବନେଶ୍ୱର





୧



୨



୩



୬



୭



୪




୫



୮



୯



୧୦

## କବିତା



## ବରଷା ମା'ର ଆଗମନେ

ବରଷା ମା' ବରଷି ଦେ
ତୋ' ପଣତେ ଘୋଡ଼େଇ ଦେ
ଖରାର ତାତି କେତେ କଷ୍ଟ
ତୋ' ପରଶେ ହେବୁ ସୁସ୍ଥ।
ତୁ ବୁଲି ଯା' ଚାରି ଦିଗେ
ବନ୍ଧ ଗାଡ଼ିଆ ଭରିଦେ।
ଶୁଖିଲା ଭୂଇଁ କରିଦେ ଓଦା
ସବୁଜ ରୂପ ଧରେଇ ଦେ।
ପଶୁପକ୍ଷୀ ସବୁ ତଟକା ହୋଇ
ରହିଥିଲେ ତୋ' ବାଟ ଅନେଇ
ତୋ' ଆଦରେ ନାଚନ୍ତି ସବୁ
ପାସୋରି ଦେଇ ସବୁ ଦୁଃଖକୁ।
କେତେ ଫୁଟିବ ପଦ୍ମ କଇଁ
ଗୁଣକୁ ତା'ର ହେବୁଲୋ ବାଇ
ବାଇଚଢ଼େଇ ଘର ସଜାଡ଼େ
ମାଙ୍କଡ଼ ବାପୁଡ଼ା ଅନେଇଥାଏ।
ଗାଁଦାଣ୍ଡେ କଳ ଲଙ୍ଗଳ ଶବ୍ଦ
ଚାଷୀ ଧାଏଁ ହୋଇଣ ବେଗ
ସନିଆ ନନା ବ୍ଲକକୁ ଧାଏଁ
ବିହନ ଧାନ ଆଣିବ ସିଏ।
ମା'ର ଜାଳେଣିରେ ନାଇଁ କଷ୍ଟ
ଘରେ ଗ୍ୟାସ ଥୁଆ ତ
ଅଛି ଘରେ ବିଦ୍ୟୁତ୍ ଆଲୁଅ
କିରୋସିନ ପାଇଁ ନାଇଁ ବ୍ୟାକୁଳ।
ମା'ଲୋ ତୋର ଆସିବା ଦେଖି
ମାମୁଘରକୁ ଗଲା ଝାଞ୍ଜି
ମନଦେବୁ ପଢ଼ିବା ପାଠେ
ଶୋଇଯିବୁ ନିଘୋଡ଼ ନିଦେ
ଏବେ କରିବୁ ପ୍ରଗତି ଦେଶେ।
ଆମକୁ କେବେ ଡରେଇବୁନି
ରାଗରେ ପ୍ରଳୟ କରେଇବୁନି
ଆମେ ମାନିବୁ ତୋହରି କଥା
ସବୁ ସହି ଆମକୁ ହସଉଥା।

—କୈଳାସ ନାଥ ସ୍ୱାଇଁ
କବିସୂର୍ଯ୍ୟନଗର, ଗଞ୍ଜାମ

## ଶ୍ରୀକୃଷ୍ଣ



ଜନମ ହୋଇଲ ବନ୍ଦୀଶାଳେ
ମାମୁଠୁ ବର୍ତ୍ତିଲ କଉଶଳେ।
ଗୋପପୁରୁ ଗଲ ମଥୁରାକୁ
ମାରିଲ ପୁତନା ଶକଟାକୁ।
ଗୋପୀ ଗୋପାଳ ସଙ୍ଗେ ମିଳି
କାଳିନ୍ଦୀ ହ୍ରଦେ ଥିଲ ଖେଳି।
କାଳୀୟ ବିଷ ନାଶ କଲ
ଇନ୍ଦ୍ର କୋପରୁ ରକ୍ଷା କଲ।
ଶେଷରେ ମାମୁଙ୍କୁ ମାରିଲ
ନିଜର ଲୀଳା ସାଙ୍ଗ କଲ।
ତୁମର ଅଧାପୋଡ଼ା ପିଣ୍ଡ
ତା'ପରେ ଘଟେ ମହାକାଣ୍ଡ
ସେ ପୁଣି ଚାରିଖଣ୍ଡ ହୋଇ
ଚତୁର୍ଦ୍ଧା ମୂରତି ବୋଲାଇ।
ଯୁଗକୁ ଯୁଗ ଏଇ ମନ୍ତେ
ତୁମ୍ଭର ଲୀଳା ନାନାମତେ।


—ଶ୍ରୀରାମଚନ୍ଦ୍ର ଦାଶ
ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

## କହିଲ ଦେଖି



ଖରା ବରଷାକୁ ନ ଥାଏ ଡର
ରଙ୍ଗବେରଙ୍ଗ ମୁଁ କେତେ ପ୍ରକାର
ପିଲା ବୁଢ଼ା ରଖି ମୁଣ୍ଡ ଉପର
ଯାଆନ୍ତି ସଭିଏଁ ଘରୁ ବାହାର
ସାନ ବଡ଼ ମୋର ରୂପ ଅନେକ
ଶୀତଦିନରେ ନ ଲୋଡ଼ନ୍ତି ଲୋକ
ମୋର ନାମଟିକୁ କହିବ ଯିଏ
ମିଠାଇ ଦୁଇଟି ଖାଇବ ସିଏ।

ଉତ୍ତର: ଛତା




ତିନୋଟି ଅକ୍ଷରେ ନାମ ତାହାରି
ଦେହ ଆବୋରିଣ ଥାଏ ସବୁରି
ପ୍ରଥମ ଦ୍ୱିତୀୟ ହୋଇଲେ ଯୋଗ
ଘରେ ପାଳିବାକୁ ବୁଝନ୍ତି ଲୋକ
ପ୍ରଥମ ତୃତୀୟ ମିଶି ହୁଅନ୍ତି
କ୍ଷତିକାରୀ ଭାବେ ଜଣାଯାଆନ୍ତି
ତୃତୀୟ ଦ୍ୱିତୀୟ ଯୋଗ କରିବ
ପାଟିକୁ ଅରୁଚି ଭାରି ଲାଗିବ
ନାମଟିକୁ ତା'ର କହିବ ଯିଏ
ଅଜାଙ୍କଠୁ ଗପ ଶୁଣିବ ସିଏ।

ଉତ୍ତର: ପୋଷାକ



ରାତି ପାହୁ ପାହୁ କୁଆଡୁ ଆସି
ରାବ ଦିଏ ସିଏ ଚାଳରେ ବସି
କଳା ମଚ ମଚ ରଙ୍ଗ ଦେହର
ପକ୍ଷୀଟିଏ ସିଏ ଅତି ନିଜର
ଶିକ୍ଷା ଦେଉଥାଏ ହୁଅ କର୍ମଠ
ବିଛଣାକୁ ଛାଡ଼ି ସଅଳ ଉଠ
ଯାହା ପାଏ ତାହା କରେ ଆହାର
କୁନାକୁନି କୁହ ନାମ ତାହାର।

ଉତ୍ତର: କାଉ



ମିଟୁ ମିଟୁ ବୋଲି ରଡ଼ି ଛାଡ଼ଇ
ଶିଖାଇଲେ ସିଏ କଥା କୁହଇ
ହେଲେ ସିଏ ଜମା ନୁହେଁ ମଣିଷ
ପଞ୍ଜୁରି ଭିତରେ କରଇ ବାସ
ନାଲି ନାଲି ଦିଶେ ଓଷ୍ଠ ତାହାରି
ଖୋଲା ଆକାଶରେ ମନ ତା'ଭାରି
କୁହ କୁହ ଏବେ ନାମ ତାହାର
ଜଣାଯିବ ବୁଦ୍ଧି ବେଶି କାହାର।

ଉତ୍ତର: ଶୁଆ

—ପ୍ରୀତିପ୍ରିୟା ମହାନ୍ତି
ମୟୂରଝାଲିଆ, ରଣପୁର, ନୟାଗଡ଼
ମୋ: ୮୨୮୦୨୪୯୧୯୮

## ଏଥରର ପ୍ରଶ୍ନ

- ଜ୍ଞାନପୀଠ ପୁରସ୍କାର କେଉଁ କ୍ଷେତ୍ରରେ ପ୍ରଦାନ କରାଯାଏ?
- କ୍ରୀଡା କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଭାରତର ସର୍ବଶ୍ରେଷ୍ଠ ପୁରସ୍କାର କେଉଁଟି?
- ଭାରତରତ୍ନ ଲାଭ କରିଥିବା ଏକମାତ୍ର ଭାରତୀୟ କ୍ରିକେଟ ଖେଳାଳି କିଏ?
- ନିକଟରେ ଦେଶର ଜଣେ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି ?
- ପରମବୀର ଚକ୍ର କେଉଁ କ୍ଷେତ୍ରରେ ପ୍ରଦାନ କରାଯାଏ?

## ଆରଥରର ଉତ୍ତର

- ରାଜେନ୍ଦ୍ର ପ୍ରସାଦ
- ରାଜକୁମାରୀ ଅମୃତ କୌର
- ଲାଲ୍‌କିଲ୍ଲା
- ୭୩ତମ




# ଜଣା ଅଜଣା

* ଜିରାଫର ଜିଭ ବହୁତ ଶକ୍ତ ତଥା ଲମ୍ବା ଥାଏ। ଏମାନେ ଜିଭ ସାହାଯ୍ୟରେ ବଡବଡ ଗଛର ଡାଳକୁ ଟାଣି ଖାଇଥାନ୍ତି ।



* ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପ ଦ୍ୱାରା ଗୋଟିଏ ବସ୍ତୁକୁ ଏହାର ପ୍ରକୃତ ଆକାରର ୧୦ଲକ୍ଷ ଗୁଣ ବଡ ଆକାରରେ ଦେଖାଯାଇପାରେ।

* ଆଭ୍ୟନ୍ତରୀଣ ପୃଥିବୀର ତାପମାତ୍ରା ସୂର୍ଯ୍ୟର ତାପମାତ୍ରା ସହ ପାଖାପାଖି ସମାନ ଅଟେ।





* ଆଣ୍ଟାର୍କଟିକାରେ ଦେଖାଦେଉଥିବା କ୍ୟାଟଫିସ୍ ଏଭଳି ଏକ ଅଜବ ସାମୁଦ୍ରିକ ମାଛ ଯିଏକି ନିଜ ଅଣ୍ଡାକୁ ପାଟିରେ ରଖି ବୁଲିଥାଏ।

* ପୃଥିବୀରେ ଏଭଳି କିଛି ଉଦ୍ଭିଦ ଅଛନ୍ତି ଯାହା ବଢିବା ପାଇଁ ମାଟିର ଆବଶ୍ୟକ କରନ୍ତି ନାହିଁ ସେହିଭଳି ଏକ ଉଦ୍ଭିଦ ହେଉଛି ଅର୍କିଡ୍ ଯିଏ କି ବାୟୁ ମଣ୍ଡଳରୁ ଆବଶ୍ୟକ ପୋଷକତତ୍ତ୍ୱ ଗ୍ରହଣ କରିଥାଏ।



* ଆଫ୍ରିକାନ୍ କ୍ଲଡ୍ ନାମକ ଏକ ପ୍ରକାର ବେଙ୍ଗ ନିଜର ରଙ୍ଗ ପରିବର୍ତ୍ତନ କରୁଥିବାର ଦେଖାଯାଏ। କୌଣସି କାରଣରୁ ବିକ୍ଷୁବ୍ଧ ହେଲେ ଏମାନେ କଳା ରଙ୍ଗ ଧାରଣ କରନ୍ତି।



# ଆଇନା



ସ୍ମାଇଲ
୫ ବର୍ଷ



ତନ୍ବୀର
୫ ବର୍ଷ



ଈଶାନ୍ତ
୭ ବର୍ଷ